# NATIONAL NEWS BULLETIN (ODIA)

## 8 July - 2026

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ସମ୍ଭାବ୍ୟ ଏଲ୍ ନିନୋର ପ୍ରଭାବ ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କଲେ କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ
- ଭୁବନେଶ୍ୱରରେ ଆସନ୍ତାକାଲି ଓଡ଼ିଶା ଗଭୀର ସମୁଦ୍ର ମତ୍ସ୍ୟପାଳନ ମିଶନ ଦସ୍ତାବିଜ୍‌ର ଉନ୍ମୋଚନ କରିବେ ଉପରାଷ୍ଟ୍ରପତି ସି.ପି.ରାଧାକ୍ରିଷ୍ଣନ
- ସାମ୍ପ୍ରତିକ ପରିସ୍ଥିତିରେ ଇରାନ ସହିତ ଆଲୋଚନା କରିବା ପାଇଁ ଆମେରିକା ରାଷ୍ଟ୍ରପତିଙ୍କ ଅନିଚ୍ଛା
- ତେଲଙ୍ଗାନା ଆୟୋଜନ କରିବ ଅଷ୍ଟମ ଖେଲୋ ଇଣ୍ଡିଆ ଯୁବକ୍ରୀଡ଼ା ପ୍ରତିଯୋଗିତା-୨୦୨୬

ଏବଂ

- ୮ଟି ଦେଶ ଫିଫା ଫୁଟବଲ ବିଶ୍ୱକପ୍ କ୍ୱାର୍ଟର ଫାଇନାଲକୁ ଉନ୍ନୀତ

# ଶିବରାଜ- ରିଭ୍ୟୁ ମିଟିଂ ଏଲ୍‌ନିନୋ

କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି, ଦେଶର ଅଧିକାଂଶ ଭାଗରେ ଏବେ ଭଲ ପରିମାଣର ବର୍ଷା ହୋଇଛି। ଫଳରେ ସ୍ୱଳ୍ପ ବୃଷ୍ଟିପାତ ଜିଲ୍ଲାଗୁଡ଼ିକର ସଂଖ୍ୟା ୨୬୨ରୁ ୧୭୮କୁ ହ୍ରାସ ପାଇଛି। ନୂଆଦିଲ୍ଲୀରେ ଏଲ୍ ନିନୋର ସମ୍ଭାବ୍ୟ ପ୍ରଭାବ ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଯୋଗଦେଇ ସେ ଏହା କହିଛନ୍ତି। ଜୁନ୍ ମାସରେ ୩୩ ପ୍ରତିଶତ ବର୍ଷା କମ୍ ହୋଇଥିବା ବେଳେ ଜୁନ୍ ମାସରେ ମୌସୁମୀ ପ୍ରଭାବ ଯୋଗୁଁ ବର୍ଷାର ପରିମାଣ ବୃଦ୍ଧି ପାଇଛି। ଫଳରେ ମୋଟାମୋଟି ବର୍ଷା ଅଭାବ ୨୪ ପ୍ରତିଶତକୁ ହ୍ରାସ ପାଇଛି।

**VO-**

ଶ୍ରୀ ଚୌହ୍ୱାନ କହିଛନ୍ତି, କେନ୍ଦ୍ର ସରକାର ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଗୁଜୁରାଟ, ଉତ୍ତରପ୍ରଦେଶ, ରାଜସ୍ଥାନ, କର୍ଣ୍ଣାଟକ, ବିହାର, ଝାଡ଼ଖଣ୍ଡ, ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ, ପଞ୍ଜାବ, ପଶ୍ଚିମବଙ୍ଗ ଏବଂ ଓଡ଼ିଶାର ବର୍ଷା ସ୍ଥିତି ଅନୁଧ୍ୟାନ କରୁଛନ୍ତି। ଚଳିତ ମାସରେ ବର୍ଷାର ପରିମାଣ ଆହୁରି ଅଧିକ ବୃଦ୍ଧି ପାଇପାରେ ବୋଲି ଶ୍ରୀ ଚୌହ୍ୱାନ ଆସ୍ଥା ପ୍ରକଟ କରିଛନ୍ତି। ଫଳରେ ଖରିଫ ଚାଷ ମଧ୍ୟ ଭଲ ହୋଇପାରିବ। ଦେଶର ୩୫୦ ଲକ୍ଷ ହେକ୍ଟରରୁ ଊର୍ଦ୍ଧ୍ୱ ଚାଷ ଜମିରେ ଖରିଫ ବୁଣା କାର୍ଯ୍ୟ ସମ୍ପନ୍ନ ହୋଇଛି। ଅଳ୍ପଦିନରେ

ଏବଂ କମ୍ ଜଳରେ ଉତ୍ପାଦିତ ହେଉଥିବା ଶସ୍ୟ, ମକ୍କା, ବାଜରା ଏବଂ ମୁଗଭଳି ଶସ୍ୟ  ଚାଷ କରିବା ଲାଗି ଶ୍ରୀ ଚୌହାନ କୃଷକମାନଙ୍କୁ ପରାମର୍ଶ ଦେଇଛନ୍ତି।

## ଭିପି– ଓଡ଼ିଶା ଭିଜିଟ୍

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଆସନ୍ତାକାଲି ଭୁବନେଶ୍ୱର ଗସ୍ତରେ ଆସିବେ । ଏହି ଅବସରରେ ଉପରାଷ୍ଟ୍ରପତି ଭୁବନେଶ୍ୱରଠାରେ ଆୟୋଜିତ ଜାତୀୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଇ 'ଓଡ଼ିଶା ଗଭୀର ସମୁଦ୍ର ମତ୍ସ୍ୟପାଳନ ମିଶନ' ଦସ୍ତାବିଜ୍‌ର ଉନ୍ମୋଚନ କରିବେ । କେନ୍ଦ୍ର ସରକାରଙ୍କ ମତ୍ସ୍ୟବିଭାଗ ଓ ବିଭିନ୍ନ ପଦକ୍ଷେପ ମାଧ୍ୟମରେ ମତ୍ସ୍ୟକ୍ଷେତ୍ରର ଡିଜିଟାଲାଇଜେସନ୍ ଉପରେ ଧ୍ୟାନ ଦିଆଯାଇଛି । ଏଥିସହିତ ମତ୍ସ୍ୟଚାଷୀ ଉତ୍ପାଦକ ସଙ୍ଗଠନ ଓ ମତ୍ସ୍ୟ ସମବାୟ ସମିତିଗୁଡ଼ିକୁ ସୁଦୃଢ଼ କରିବା ଉପରେ ବିଶେଷ ଗୁରୁତ୍ୱ ପ୍ରଦାନ କରାଯାଉଛି । ଓଡ଼ିଶା ଗଭୀର ସମୁଦ୍ର ମାଛଧରା ମିଶନ ରାଜ୍ୟ ସରକାରଙ୍କ ଏକ ପ୍ରମୁଖ ନୀଳ ଅର୍ଥବ୍ୟବସ୍ଥା, ଯାହା ରାଜ୍ୟର ଉପକୂଳ ଏବଂ ଗଭୀର ସମୁଦ୍ର ମାଛଧରିବା ସମ୍ଭାବନାକୁ ସୁଦୃଢ଼ କରିବ । ଆଧୁନିକ ମତ୍ସ୍ୟଚାଷ ଭିତ୍ତିଭୂମି, ବୈଜ୍ଞାନିକ ପଦ୍ଧତିରେ ମତ୍ସ୍ୟଚାଷ ପରିଚାଳନା, ବଜାର ସଂଯୋଗୀକରଣରେ ନିବେଶ ମାଧ୍ୟମରେ ମତ୍ସ୍ୟଚାଷୀଙ୍କ ଆୟ ବୃଦ୍ଧି ଏବଂ ସାମୁଦ୍ରିକ ମତ୍ସ୍ୟଚାଷ କ୍ଷେତ୍ରର ଦୀର୍ଘସ୍ଥାୟୀ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍‌ପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ମତ୍ସ୍ୟ,

ପ୍ରାଣୀସମ୍ପଦ ଓ ପଞ୍ଚାୟତିରାଜ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରିବାର କାର୍ଯ୍ୟସୂଚୀ ରହିଛି ।

## ଶାହା-ନାଇଡୁ ମିଟ୍

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏବଂ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ କିଞ୍ଜାରାପୁ' ବୃହତ ବିମାନ ବନ୍ଦରଗୁଡ଼ିକରେ ଯାତ୍ରୀମାନଙ୍କ ପାଇଁ ଥିବା ସୁବିଧା, ସୁରକ୍ଷା ଏବଂ ଦେଶାନ୍ତର ବ୍ୟବସ୍ଥାର ସମୀକ୍ଷା କରିଛନ୍ତି । ବୈଠକରେ ଶ୍ରୀ ଶାହା ମାନବସମ୍ବଳ ଖର୍ଚ୍ଚ ହ୍ରାସ କରିବା ଲାଗି ଦେଶର ସମସ୍ତ ବିମାନବନ୍ଦରଗୁଡ଼ିକରେ ସ୍ୱୟଂଚାଳିତ ଏକ୍ସ-ରେ ଟ୍ରେ ରିଟର୍ଣ୍ଣ ସିଷ୍ଟମ' ପ୍ରଚଳନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଶ୍ରୀ ଶାହା କହିଛନ୍ତି, ସମ୍ପ୍ରତି ୨୧ଟି ବିମାନ ବନ୍ଦର ବିକାଶଧୀନ ଥିବାବେଳେ ଅବଶିଷ୍ଟ ୪୧ଟି ବିମାନ ବନ୍ଦରକୁ ବିକାଶ ଦିଗରେ ପ୍ରାଥମିକତା ଦିଆଯାଇଛି । ଶ୍ରୀ ଶାହା ଯାତ୍ରୀଙ୍କ ଯାତାୟତ ଏବଂ ବିମାନ ଚଳାଚଳକୁ ଭିତ୍ତି କରି ସମସ୍ତ ବିମାନ ବନ୍ଦରରେ ଏରୋବ୍ରିଜ୍ ସଂଖ୍ୟା ପାଇଁ ନିୟମ ପ୍ରଣୟନ କରିବାକୁ ବେସାମରିକ ବିମାନ ଚଳଚଳ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଛନ୍ତି । ସେ କହିଛନ୍ତି, ୨୦୨୭ ମସିହା ସୁଦ୍ଧା ସମସ୍ତ ରାଜ୍ୟ ମୁଖ୍ୟାଳୟରେ ବିଦେଶୀ ଆଞ୍ଚଳିକ ପଞ୍ଜୀକରଣ କାର୍ଯ୍ୟାଳୟ ଚାଲୁ କରାଯିବ ।

## ସୁପ୍ରିମକୋର୍ଟ– ସିବିଏସ୍‌ଇ ଆସେସମେଣ୍ଟ

ଇରାନ୍–ଆମେରିକା ଯୁଦ୍ଧ ଯୋଗୁଁ ଉପସାଗରୀୟ ଦେଶଗୁଡ଼ିକରେ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ବାତିଲ ହେବା ଦ୍ୱାରା ପ୍ରଭାବିତ ହୋଇଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ସି.ବି.ଏସ୍.ଇ.ର ମାର୍ଚ୍ଚ ୨୭ ମୂଲ୍ୟାଙ୍କୟନ ଯୋଜନାକୁ ଚ୍ୟାଲେଞ୍ଜ କରି ହୋଇଥିବା ଏକ ଆବେଦନର ଶୁଣାଣି କରିବାକୁ ସୁପ୍ରିମକୋର୍ଟ ଆଜି ରାଜି ହୋଇଛନ୍ତି। ବିଚାରପତି କେ.ଭି.ବିଶ୍ୱନାଥନ୍ ଏବଂ ଆଲୋକ ଆରାଧେଙ୍କ ଖଣ୍ଡପୀଠ ଉପସାଗରୀୟ ଦେଶଗୁଡ଼ିକର ଛାତ୍ରମାନଙ୍କ ପକ୍ଷରୁ ହୋଇଥିବା ଆବେଦନ ଉପରେ କେନ୍ଦ୍ର ଏବଂ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ସି.ବି.ଏସ୍.ଇ.ଠାରୁ ଜବାବ ତଲବ କରିଛନ୍ତି। ଚଳିତ ମାସ ୧୪ ତାରିଖରେ ପରବର୍ତ୍ତୀ ଶୁଣାଣି ପାଇଁ ସୁପ୍ରିମକୋର୍ଟ ଦିନ ଧାର୍ଯ୍ୟ କରିଛନ୍ତି।

## ୟୁଏସ୍-ଇରାନ୍

ଆମେରିକା ଏବଂ ଇରାନ୍ ମଧ୍ୟରେ ଲାଗି ରହିଥିବା ବିବାଦ ଅଧିକ ଜଟିଳ ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି, ଇରାନ ସହିତ ହୋଇଥିବା ବୁଝାମଣାର କୌଣସି ଏବେ କୌଣସି ମୂଲ୍ୟ ନାହିଁ। ଇରାନ ସହିତ ଆମେରିକା ଆଲୋଚନା କରିବା ଲାଗି ଶ୍ରୀ ଟ୍ରମ୍ପ  ଅନିଚ୍ଛା ପ୍ରକାଶ କରିଛନ୍ତି। ତୁର୍କୀର ରାଜଧାନୀ ଅଙ୍କାରାଠାରେ ଚାଲିଥିବା ନାଟୋ

ଶିଖର ସମ୍ମିଳନୀ ଅବସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଟ୍ରମ୍ପ ଏହି ମତ ପ୍ରକାଶ କରିଛନ୍ତି।

କେତେକ ଆମେରିକୀୟ ସାମରିକ ପ୍ରତିଷ୍ଠାନ ଉପରେ ଇରାନ ପ୍ରତିଶୋଧମୂଳକ ଆକ୍ରମଣ କରିଛି । ହର୍ମୁଜଗାନ୍ ପ୍ରଦେଶ ଏବଂ ବନ୍ଦର ସହର ଉପରେ ଆମେରିକାର ଆକ୍ରମଣ ଜବାବରେ ଇରାନ ଏହି ପଦକ୍ଷେପ ଗ୍ରହଣ କରିଛି । ଇରାନ ଗଣମାଧ୍ୟମ ଦେଇଥିବା ସୂଚନା ଅନୁଯାୟୀ, ଇସ୍‌ଲାମିକ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ୍ ୮୫ଟି ଆମେରିକୀୟ ସାମରିକ ପ୍ରତିଷ୍ଠାନକୁ ଲକ୍ଷ୍ୟ କରି ମିଳିତ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଆକ୍ରମଣ କରିଛି । ସେଗୁଡ଼ିକ ମଧ୍ୟରେ ସଲ୍‌ମାନ ପୋର୍ଟ, ବାହାରିନ୍‌ରେ ଥିବା ଆମେରିକୀୟ ପଞ୍ଚମ ନୌବାହିନୀ ମୁଖ୍ୟାଳୟ ଏବଂ କୁଏତସ୍ଥିତ ଅଲ୍ ସଲେମ୍ ବାୟୁସେନା ଘାଟି ଅନ୍ତର୍ଭୁକ୍ତ । ଦେଶର ବାୟୁ ପ୍ରତିରକ୍ଷା ପ୍ରଣାଳୀ ରହିଥିବା ବୁସେହର ପ୍ରଦେଶ ଉପରେ ଏକ ଆମେରିକୀୟ MQ-9 ଡ୍ରୋନ୍‌କୁ ଆକ୍ରମଣ କରି ଖସେଇ ଦିଆଯାଇଛି ବୋଲି ରିଭୋଲ୍ୟୁସନାରୀ ଗାର୍ଡର କର୍ପସ୍‌ର ମୁଖପାତ୍ର ସୂଚନା ଦେଇଛନ୍ତି ।

# ଆଇନୋସ୍ପିୟର ରିସର୍ଚ୍ଚ

ଭାରତୀୟ ବୈଜ୍ଞାନିକମାନେ ପ୍ରଥମଥର ଲାଗି ଭୂମି ଏବଂ ମହାକାଶ ଭିତ୍ତିକ ପର୍ଯ୍ୟବେକ୍ଷଣକୁ ଏକୀକୃତ କରି ଭାରତୀୟ କ୍ଷେତ୍ର ଉପରେ

ଆୟୋନୋସ୍ଫିୟରର ଉପରପାର୍ଶ୍ୱ  ପୁନଃ ତିଆରି ପାଇଁ ଏକ ନୂତନ ପଦ୍ଧତି ବିକଶିତ କରିଛନ୍ତି। ଏହି ପଦ୍ଧତି ଭାରତର ଆୟୋନୋସ୍ଫିୟରର ଉପରି ଭାଗର ସଠିକ୍ ମାନଚିତ୍ର ନିର୍ଦ୍ଧାରଣ କରିବ। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟର ସୂଚନା ଅନୁସାରେ ଏହି ପଦ୍ଧତି ଦ୍ୱାରା ସାଟେଲାଇଟ୍ କାର୍ଯ୍ୟ ଯୋଗାଯୋଗ ବ୍ୟବସ୍ଥା ଏବଂ ନାଭିଗେସନ ସେବା ପାଇଁ ଗୁରୁତ୍ୱପୂର୍ଣ୍ଣ ହେବ। ଆୟୋନୋ ସ୍ଫିୟର ହେଉଛି, ପୃଥିବୀର ଉପର ବାୟୁମଣ୍ଡଳର ଏକ ଜଟିଳ ଅଂଶ। ଯାହାକୁ ବାୟୁମଣ୍ଡଳୀୟ ଏବଂ ଆୟୋନୋସ୍ଫୋରିକ ଇଲେକ୍ଟ୍ରୋ ଡାଏନେମିକାଲ ପ୍ରକ୍ରିୟାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ସେହିପରି ସିଗ୍ନାଲ ଟ୍ରାନ୍ସମିଶନ ପରିବର୍ତ୍ତନ କରି ଜିପିଏସ୍ କିମ୍ବା ଭାରତୀୟ ନାଭିକ୍ ବ୍ୟବସ୍ଥା ପରି ଉପଗ୍ରହ ଆଧାରିତ ନାଭିଗେସନ୍ ସିଷ୍ଟମକୁ ପ୍ରଭାବିତ କରିଥାଏ।

## ଜୟଶଙ୍କର–କୁଏତ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର  ଆଜି କୁଏତର କ୍ରାଉନ ପ୍ରିନ୍ସ ଶେଖ୍ ଶବାହା ଅଲ୍ ଖାଲିଦ୍ ଅଲ୍ ସବାହଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଡକ୍ଟର ଜୟଶଙ୍କର’ ଭାରତ ଏବଂ କୁଏତ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ଆଗେଇ ନେବା ଲାଗି କ୍ରାଉନ ପ୍ରିନ୍ସଙ୍କ ପ୍ରତିବଦ୍ଧତାକୁ ପ୍ରଶଂସା କରିଥିଲେ। ଉପସାଗରୀୟ ଅଞ୍ଚଳରେ ବିକାଶମୂଳକ ପଦକ୍ଷେପ ଦିଗରେ ତାଙ୍କର ନେତୃତ୍ୱକୁ ସେ ଧନ୍ୟବାଦ ଜଣାଇଥିଲେ।

## ରୋହିଣୀ– ବିଲ୍ଡିଂ କୋଲାପ୍ସ

ଦିଲ୍ଲୀର ରୋହିଣୀ ସେକ୍ଟର ଅଞ୍ଚଳରେ ଆଜି ସନ୍ଧ୍ୟାରେ ଏକ କୋଠା ଭୁଶୁଡ଼ି ପଡ଼ିଥିବା ସୂଚନା ମିଳିଛି। ଦିଲ୍ଲୀ ଅଗ୍ନିଶମ ବାହିନୀ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, କୋଠାର ଭଙ୍ଗାରୁଜା ଅଂଶ ତଳେ ୫ ଜଣ ଚାପି ହୋଇ ରହିଥିବା ଆଶଙ୍କା କରାଯାଉଛି। ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଏନ୍.ଡି.ଆର୍.ଏଫ୍.ର ଦୁଇଟି ଦଳ ଉଦ୍ଧାର ଏବଂ ରିଲିଫ କାର୍ଯ୍ୟରେ ଲାଗିଛି।

## ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ

ଅଷ୍ଟମ ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ା ପ୍ରତିଯୋଗିତା-୨୦୨୬ ଚଳିତଥର ତେଲଙ୍ଗାନା ଆୟୋଜନ କରିବ। କେନ୍ଦ୍ର ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ ଆଜି ଏହା ଘୋଷଣା କରିଛନ୍ତି। ସେ କହିଛନ୍ତି, ଏହି କ୍ରୀଡ଼ା ପ୍ରତିଯୋଗିତା ଦେଶର ଯୁବବର୍ଗଙ୍କୁ ସେମାନଙ୍କର କ୍ରୀଡ଼ା ପ୍ରତିଭା ପ୍ରଦର୍ଶନ ପାଇଁ ଉତ୍ତମ ମଞ୍ଚ ପ୍ରଦାନ କରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ଯୁବ ପ୍ରତିଭାମାନଙ୍କୁ ତୃଣମୂଳସ୍ତରରୁ ଲୋକଲୋଚନକୁ ଆଣିବା ପାଇଁ ନେଇଥିବା ପଦକ୍ଷେପର ଏହା ଏକ ଅଂଶସ୍ୱରୂପ ବୋଲି ଶ୍ରୀ ମାଣ୍ଡବ୍ୟ କହିଛନ୍ତି।

## ଫିଫା–କ୍ୱାର୍ଟର ଫାଇନାଲ

ଫିଫା ଫୁଟବଲ ବିଶ୍ୱକପ୍ କ୍ୱାର୍ଟର ଫାଇନାଲରେ ଉନ୍ନୀତ ହୋଇଥିବା ଦେଶଗୁଡ଼ିକର ନାମ ଚୂଡ଼ାନ୍ତ ହୋଇଛି। ଏହି ତାଲିକାରେ ଫ୍ରାନ୍ସ, ମରକ୍କୋ, ନରୱେ, ଇଂଲଣ୍ଡ, ସ୍ପେନ୍, ବେଲଜିୟମ, ଆର୍ଜେଣ୍ଟିନା ଏବଂ ସ୍ୱିଜରଲାଣ୍ଡ ସ୍ଥାନ ପାଇଛନ୍ତି। ସେମାନେ  ରାଉଣ୍ଡ ୧୬ ମ୍ୟାଚ୍‌ରେ ବିଜୟ ହାସଲ କରି ଶ୍ରେଷ୍ଠ ୮ ଜଣ କ୍ୱାର୍ଟର ଫାଇନାଲରେ ସ୍ଥାନିତ ହୋଇଛନ୍ତି। ଆସନ୍ତା ଶୁକ୍ରବାର ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଫ୍ରାନ୍ସ ମରକ୍କୋକୁ ଭେଟିବ। ଏହି ମ୍ୟାଚ୍ ଭାରତୀୟ ସମୟ ରାତି ସାଢ଼େ ୧ଟାରେ ଆରମ୍ଭ ହେବ। ସେହିପରି ଶନିବାର ଦିନ ରାତି ସାଢ଼େ ୧୨ଟାରେ ସ୍ପେନ୍ ଏବଂ ବେଲଜିୟମ୍ ମଧ୍ୟରେ ମୁକାବିଲା ହେବ। ଫିଫା ୱାର୍ଲ୍ଡ କପ୍ କ୍ୱାର୍ଟର ଫାଇନାଲରେ ପ୍ରଥମଥର ଲାଗି ନରୱେ ପ୍ରବେଶ କରିବା ସହ ଇଂଲଣ୍ଡର ସହିତ ଖେଳିବ। ପୂର୍ବଥର ଚମ୍ପିଆନ ହୋଇଥିବା ଆର୍ଜେଣ୍ଟିନା' ସ୍ୱିଜରଲାଣ୍ଡ ସହ କ୍ୱାର୍ଟର ଫାଇନାଲରେ ଖେଳିବ।